# କେନ୍ଦୁଝର: ଜିଲ୍ଲା ପରିଷଦ ଅଧିବେଶନ  ଅନୁଷ୍ଠିତ




କେନ୍ଦୁଝର, ତା ୨୯/୦୬: ପଂଚମ ଜିଲ୍ଲା ପରିଷଦର ଷଷ୍ଠ ଅଧିବେଶନ ତା୨୯/୦୬/୨୦୧୮ରିଖ ଶୁକ୍ରବାର ଦିନ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କମଳିନୀ ପାତ୍ରଙ୍କ ଅଧକ୍ଷତାରେ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଧିବେଶନରେ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ହୃଷିକେଶ ନାଏକ, ଲୋକସଭା ସଦସ୍ୟା ଶ୍ରୀମତୀ ଶକୁନ୍ତଳା ଲାଗୁରୀ, କେନ୍ଦୁଝର ବିଧାୟକ ଅଭିରାମ ନାଏକ, ତେଲକୋଇ ବିଧାୟକ ବେଦବ୍ୟାସ ନାୟକ, ଆନନ୍ଦପୁର ବିଧାୟକ ମାୟାଧର ଜେନା, ଜିଲ୍ଲାପାଳ ଆଶିଷ ଠାକ୍‌ରେ, ଜିଲ୍ଲା ପରିଷଦ ଉପସଭାପତି ଅକ୍ଷୟ କୁମାର ସାହୁ,ପିଡି ଡିଆରଡିଏ ନୃସିଂହ ଚରଣ ସ୍ୱାଇଁ, ଆଇଏଏସ୍ ପ୍ରୋବେସନର୍ ସୋମେଶ ଉପାଧ୍ୟାୟ, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ପଂଚାୟତ ସମିତି ଅଧକ୍ଷ/ଅଧକ୍ଷା, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଠାକ୍‌ରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କମଳିନୀ ପାତ୍ର ଉଦ୍‌ବୋଧନ ଦେଇ କହିଥିଲେ ଯେ, ଜିଲ୍ଲା ପରିଷଦ ଅଧିବେଶନ ଉପରେ ଜିଲ୍ଲାବାସୀଙ୍କର ଆଶା, ଆକାଂକ୍ଷା ଜଡିତ ରହିଥିବାରୁ ଜିଲ୍ଲାର ସାମଗ୍ରିକ ଉନ୍ନତି ପାଇଁ ସରକାରୀ କର୍ମଚାରୀ ଓ ଲୋକ ପ୍ରତିନିଧିମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ ଏବଂ ସମସ୍ତଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ କାମନା କରିଥିଲେ ।

ଏହି ବୈଠକରେ ଗତ ତା ୨୮/୨/୨୦୧୮ରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ପରିଷଦ ବୈଠକର ବିବରଣୀ ଦୃଢ଼ିକରଣ କରାଯାଇଥିଲା ଏବଂ ତାପରେ ଉକ୍ତ ବୈଠକର ବିବରଣୀ ଅନୁପାଳନ ଉପରେ ସମୀକ୍ଷା କରାଯାଇଥିଲା । ଗୁଆଲି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଡାକ୍ତର ପଦବୀ ପୂରଣ, ହଦଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନଙ୍କର କ୍ୱାର୍ଟରଗୁଡ଼ିକର ମରାମତି, ଦୁର୍ଗମ ଆଦିବାସୀ ଅଂଚଳ ବାଂଶପାଳର ଅଧିବାସୀମାନେ କିପରି ସୁବିଧାରେ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବେ, ଜିଲ୍ଲାର ସମସ୍ତ ଚିକିତ୍ସାଳୟରେ ଉତମ ରୋଗୀ ସେବା, ଭଗାମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଶୌଚାଳୟ, ପାଚେରୀ ଓ ଲେବର୍ ରୁମ୍ ବ୍ୟବସ୍ଥା ଓ ଜରୁରୀକାଳିନ ରୋଗୀ ସେବା, ଉଖୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜମି ସମସ୍ୟାର ସମାଧାନ, ବାସୁଦେବପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ଅନୁପସ୍ଥିତି, ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଦେଉଳଡିହା ଗ୍ରାମରେ ଆଶାକର୍ମୀ ନିଯୁକ୍ତିରେ ଅନିୟମିତତା, କାଦକଳା ଓ ରଙ୍ଗାମାଟିଆ ଏଲ୍.ଆଇ ସେଂଟରରେ ବିଭାଗୀୟ କର୍ମଚାରୀଙ୍କ ଅନୁପସ୍ଥିତି, ସିଂବିଲା ଓ ମଇଦାନକେଲ ଓମ୍‌ଫେଡ୍ ଦ୍ୱାରା ପରିଚାଳିତ ସମବାୟ ସଂସ୍ଥା ଦୁଗ୍ଧ ଉତ୍ପାଦନକାରୀ ଚାଷୀଙ୍କୁ ସଠିକ୍ ପ୍ରାପ୍ୟ ପ୍ରଦାନ, ଡାକ୍ତରଖାନାମାନଙ୍କରେ କୁକୁର କାମୁଡ଼ା ଇଂଜେକସନ୍‌ର ବ୍ୟବସ୍ଥା, ଆଦର୍ଶ ବିଦ୍ୟାଳୟର ସୁପରିଚାଳନା ଏବଂ ଡିଏମ୍‌ଏଫ୍ ଫଣ୍ଡରେ ହଷ୍ଟେଲ ନିର୍ମାଣ ସହିତ ଭିତିଭୂମିର ବିକାଶ, ବିଭିନ୍ନ ପ୍ରାଥମିକ ଓ ଉଚ୍ଚ  ବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି, ଶ୍ରେଣୀଗୃହ ନିର୍ମାଣ ଓ ଭିତିଭୂମିର ବିକାଶ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଗତ ତଳବିରିକଳାଠାରୁ ଉପର କାଦକଳା ରାସ୍ତାର ମରାମତି ଓ ଏ ଦିଗରେ ଜଙ୍ଗଲ ବିଭାଗର ଅନୁମତି, ମେର୍ମେଦା ନାଳ ଉପରେ ପୋଲ ନିର୍ମାଣ, ଅର୍ସଳା ଗ୍ରାମ ପଂଚାୟତ ଅନ୍ତର୍ଗତ ଅନ୍ଧାରୀଖମଣ ଗ୍ରାମରେ ପାନୀୟ ଜଳ ଅଭାବ, ଡିମ୍ବୋ ଗ୍ରାମ ପଂଚାୟତର ଡିମିରିମୁଣ୍ଡା ପଟାସାହିରେ ନଳକୂପ ଖନନ, ଖଣି ପ୍ରଭାବିତ ଅଂଚଳରେ ପାନୀୟ ଜଳ ଯୋଗାଣ, ଉଚ୍ଚବାଲି ଗ୍ରାମ ପଂଚାୟତର ମଲ୍ଲୀପଶି ଓ ବରପଦା ଗ୍ରାମରେ ଆଧାର ସଂଯୋଗୀକରଣ ପାଇଁ ହିତାଧିକାରୀଙ୍କଠାରୁ ଲାଂଚ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ବିଭିନ୍ନ ବ୍ଲକ୍‌ରେ ସାଧାରଣ ବଂଟନ ବ୍ୟବସ୍ଥାରେ ହିତାଧିକାରୀ ଚୟନ, ନେସ୍କୋ ଦ୍ୱାରା ନିମ୍ନମାନର ବିଦ୍ୟୁତ ଯୋଗାଣ ଓ ବିଭିନ୍ନ ଅଂଚଳରେ ବିପିଏଲ୍ ହିତାଧିକାରୀମାନଙ୍କୁ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ଦିଆଯାଇନଥିବା ପ୍ରସଙ୍ଗ, ପଂଚାୟତ ସମିତି ବୈଠକରେ ନେସ୍କୋର ସହକାରୀ ଯନ୍ତ୍ରୀ ଉପସ୍ଥିତି ରହିବା, ଖଲିକୁଣ୍ଡକୁ ପର୍ଯ୍ୟଟନସ୍ଥଳୀର ବିକାଶ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଅନିୟମିତ ବିଦ୍ୟୁତ ଯୋଗାଣ, ରାଜୀବ ଗାନ୍ଧୀ ବିଦ୍ୟୁତକରଣ ଯୋଜନାର କାର୍ଯ୍ୟକାରିତା, ଏନ୍‌ଟିପିସିର ଉଦାସୀନତା ଏବଂ ଗଦ୍‌ରେଜ୍‌ର ବେପରବାୟ ମନୋଭାବ ପାଇଁ ବୈଠକରେ ମନ୍ତ୍ରୀ, ସାଂସଦ,

ବିଧାୟକ, ଜିଲ୍ଲାପାଳ ଓ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ବିଦ୍ୟୁତ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ୭ଦିନ ମଧ୍ୟରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଡାକିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପାନୀୟଜଳ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ମେଗା ପ୍ରୋଜେକ୍ଟ ଜରିଆରେ ଜିଲ୍ଲାବାସୀଙ୍କୁ ପାନୀୟଜଳ ଯୋଗାଣ ଯୋଗାଇବା ସମ୍ପର୍କରେ ଆଲୋଚନା ହୋଇଥିବାବେଳେ ଆବଶ୍ୟକସ୍ଥଳରେ ନଳକୂପ ସ୍ଥାପନ ଜରିଆରେ ଜନସାଧାରଣଙ୍କୁ ପାନୀୟଜଳ ଯୋଗାଇବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।  ଜିଲ୍ଲାରେ ଚାଲିଥିବା ସ୍ୱାସ୍ଥ୍ୟ ବିଭାଗୀୟ କାର୍ଯ୍ୟକ୍ରମ, ମିଳିମିଳା ଓ ରୁବେଲା ଟିକାକରଣ ଅଭିଯାନ, ମ୍ୟାଲେରିଆ ନିୟନ୍ତ୍ରଣ, ନିଦାନ କାର୍ଯ୍ୟକ୍ରମ ମାଧ୍ୟମରେ ବିନା ମୂଲ୍ୟରେ ରୋଗୀମାନଙ୍କର ପରୀକ୍ଷା, ନିରାମୟ ଯୋଜନାରେ ମାଗଣାରେ ରୋଗୀଙ୍କୁ ଔଷଧ ପ୍ରଦାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୁପର ସ୍ପେଶାଲିଷ୍ଟ ସେବା, ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କର ଉନ୍ନତିକରଣ ଓ ଭିତିଭୂମିର ବିକାଶ, ଡିଏମ୍‌ଏଫ୍ ଫଣ୍ଡର ଆର୍ଥିକ ଅନୁଦାନରେ ସ୍ୱାସ୍ଥ୍ୟସେବାର ଉନ୍ନତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । କର୍ତ୍ତବ୍ୟରେ ଅବହେଳା କରୁଥିବା ଡାକ୍ତର ଏବଂ କର୍ମଚାରୀ, ବିନା କାରଣରେ ସାମାନ୍ୟ ସେବା ପାଇଁ ରୋଗୀକୁ ରେଫର୍ କରୁଥିବା ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଶିକ୍ଷା ବିଭାଗୀୟ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀ ଅନୁପାତରେ ବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି, ପ୍ରଧାନ ଶିକ୍ଷକ ନିଯୁକ୍ତି, ବିଦ୍ୟାଳୟମାନଙ୍କରେ ଭିତିଭୂମିର ବିକାଶ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ବିହିତ ପଦକ୍ଷେପ ନେବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ସର୍ବଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲା ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇ ଏହାର ତଦାରଖ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ଏତଦ୍‌ବ୍ୟତୀତ ୨୦୧୮ ଖରିଫ ଋତୁରେ କୃଷି ବିଭାଗର କାର୍ଯ୍ୟକ୍ରମ, ଚାଷୀମାନଙ୍କୁ ସାର ଓ ବିହନ ଯୋଗାଣ, ବିହନର ଗୁଣବତାର ପରୀକ୍ଷା, କୃଷି ଯନ୍ତ୍ରପାତି ଯୋଗାଣ, ଉଦ୍ୟାନ ବିଭାଗର କାର୍ଯ୍ୟାବଳୀ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗର କାର୍ଯ୍ୟାବଳୀର ଅଗ୍ରଗତି  ତଥା ଅନ୍ୟାନ୍ୟ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ସମେତ ଜିଲ୍ଲାର ସାଂସଦ ଏବଂ ବିଧାୟକବୃନ୍ଦ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କେନ୍ଦୁଝର